# NATIONAL NEWS BULLETIN (ODIA)
## 22 September - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ୨୦୩୦ ସୁଦ୍ଧା ଅଣପାରମ୍ପରିକ ଉତ୍ସରୁ ଭାରତ ୫୦୦ ଗିଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରିବାର ଲକ୍ଷ୍ୟ ରଖିଛି, କହିଲେ ପ୍ରଧାନମନ୍ତ୍ରୀ ।

- ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ୨୫ ଲକ୍ଷ ନୂତନ ଦେୟମୁକ୍ତ ଗ୍ୟାସ୍ ସଂଯୋଗ ପ୍ରଦାନ କରିବାକୁ ସରକାରଙ୍କ ନିଷ୍ପତ୍ତି ।

- ନାଗାଲାଣ୍ଡର ଖପ୍ଲାଙ୍ଗ୍ ଏବଂ ଏହାର ଶାଖା ସଂଗଠନ ଗୁଡ଼ିକୁ ଆସନ୍ତା ୨୮ ତାରିଖରୁ ୫ ବର୍ଷ ପାଇଁ ବେଆଇନ୍ ଘୋଷଣା କଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ।

- ପାକିସ୍ତାନ ବାୟୁସେନା ଆକ୍ରମଣରେ ଖାଇବର୍ ପଖତୁଆଁ ପ୍ରଦେଶରେ ୩୦ ଜଣଙ୍କର ମୃତ୍ୟୁ ।

ଏବଂ

- ଦକ୍ଷିଣ କୋରିଆର ବୁସାନ୍ ଠାରେ ଅନୁଷ୍ଠିତ ହେଉଛି ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବର ୩୦ତମ ସଂସ୍କରଣ ।

# ପିଏମ୍ ଅରୁଣାଚଳ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅରୁଣାଚଳ ପ୍ରଦେଶରେ ୫ ହଜାର ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ସିଓମି ଜିଲ୍ଲାରେ ଦୁଇଟି ଜଳବିଦ୍ୟୁତ୍ ପ୍ରକଳ୍ପ ଏବଂ ତଓ୍ୱାଙ୍ଗ୍‌ରେ ଏକ ସମ୍ମିଳନୀ କେନ୍ଦ୍ରର ମଧ୍ୟ ପ୍ରଧାନମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସଡ଼କ ସଂଯୋଗୀକରଣ, ସ୍ୱାସ୍ଥ୍ୟ ସେବା ଏବଂ ଅଗ୍ନି ନିରାପତ୍ତା ସମେତ ବିଭିନ୍ନ କ୍ଷେତ୍ରରେ ୧ ହଜାର ୨୯୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଇଟାନଗରର ଇନ୍ଦିରା ଗାନ୍ଧି ପାର୍କ ଠାରେ ଏକ ସାଧାରଣସଭାକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଅରୁଣାଚଳ କେବଳ ଉଦୀୟ ସୂର୍ଯ୍ୟଙ୍କ ଭୂମି ନୁହେଁ ବରଂ ଏହା ଦେଶ ପ୍ରେମର ଜନ୍ମଭୂମି । ଅରୁଣାଚଳର ପ୍ରତ୍ୟେକ ବ୍ୟକ୍ତି ବୀରତ୍ୱ ଓ ସରଳତାର ପ୍ରତୀକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O-1-PM---ARUNACHAL-COLOURS**

ପ୍ରଧାନମନ୍ତ୍ରୀ କହିଛନ୍ତି, ୨୦୩୦ ସୁଦ୍ଧା ସୌର, ପବନ ଏବଂ ଜଳପ୍ରକଳ୍ପ ଭଳି ଅଣ-ପାରମ୍ପରିକ ଉତ୍ସରୁ ଭାରତ ୫୦୦ ଗିଗାଓ୍ୱାଟ୍ ବିଦ୍ୟୁତ୍ ଉତ୍ପାଦନ କରିବାର ଲକ୍ଷ୍ୟ ରଖିଛି । ଅରୁଣାଚଳ ପ୍ରଦେଶ ଏ ଦିଗରେ ସମନ୍ୱୟ ଭାବେ କାର୍ଯ୍ୟ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପରବର୍ତ୍ତୀ ପିଢ଼ି ଜି.ଏସ୍. ସଂସ୍କାର ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ମହିଳା ସଶକ୍ତିକରଣ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

# ପିଏମ୍-ଇଟାନଗର ଜିଏସ୍‌ଟି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଇଟାନଗର ଠାରେ ସ୍ଥାନୀୟ ବ୍ୟବସାୟୀ ଏବଂ ଉଦ୍ୟୋଗୀଙ୍କ ସହ ମତବିନିମୟ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ବ୍ୟବସାୟିମାନେ ସୁଗନ୍ଧିତ ଚା', ସ୍ୱାଦିଷ୍ଟ ଆଚାର, ହଳଦୀ, ହସ୍ତଶିଳ୍ପ ତଥା ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରିଥିଲେ । ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାରର କାର୍ଯ୍ୟକାରିତା ଏବଂ ସଂଚୟ ଉତ୍ସବ ପାଇଁ ବ୍ୟବସାୟୀ ଗୋଷ୍ଠୀ କୃତଜ୍ଞତା ପ୍ରକାଶ କରିଛନ୍ତି ।

# ତ୍ରିପୁରା-ପିଏମ୍

ପ୍ରସାଦ ଯୋଜନା ଅଧୀନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମାତା ତ୍ରିପୁରା ସୁନ୍ଦରୀ ମନ୍ଦିରର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ଅରୁଣାଚଳ ପ୍ରଦେଶରୁ ଅଗରତାଲାର ଏମ୍.ବି.ବି. ବିମାନ ବନ୍ଦରରେ ପହଞ୍ଚିବା ପରେ ହେଲିକ୍ୟାପ୍ଟର ଯୋଗେ ସେଠାରୁ ଉଦୟପୁର ସ୍ଥିତ ପାଲଟଣା ଓ.ଟି.ପି.ସି. ହେଲିପ୍ୟାଡ୍ ଠାରେ ପହଞ୍ଚିଥିଲେ । ସେଠାରେ ପ୍ରଧାନମନ୍ତ୍ରୀଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ତାଙ୍କର ଏକ ଝଲକ ଦେଖିବାକୁ ବହୁ ଲୋକ ଅପେକ୍ଷା କରି ରହିଥିଲେ । ତ୍ରିପୁରା ସୁନ୍ଦରୀ ମନ୍ଦିରରେ ପ୍ରଧାନମନ୍ତ୍ରୀ ପୂଜା କରିବା ସହ ମନ୍ଦିରର ଐତିହ୍ୟ ଏବଂ ସଂସ୍କୃତି ଉପରେ ଆଧାରିତ ଏକ ପ୍ରଦର୍ଶନୀକୁ ଦେଖିଥିଲେ ।

## ପିଏମ୍-ଉଜ୍ଜ୍ୱଳା

ନବରାତ୍ର ପାଳନର ପ୍ରଥମ ଦିନରେ ହିଁ ଆଜି ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ୨୫ ଲକ୍ଷ ନୂତନ ଦେୟମୁକ୍ତ ସଂଯୋଗ ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂତନ ଭାବେ ଏହି ଯୋଜନାରେ ଜଡ଼ିତ ହୋଇଥିବା ହିତାଧିକାରୀଙ୍କୁ ଶୁଭ କାମନା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଏହି ପଦକ୍ଷେପ ହିତାଧିକାରୀଙ୍କୁ ଆନନ୍ଦ ପ୍ରଦାନ କରିବା ସହ ମହିଳାଙ୍କ ସଶକ୍ତିକରଣ ଦିଗରେ ସରକାରଙ୍କ ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି ।

## ନାଗାଲାଣ୍ଡ-ଏମ୍ଏଚ୍ଏ

ନାଗାଲାଣ୍ଡର ନ୍ୟାସନାଲ୍ ସୋସିଆଲିଷ୍ଟ କାଉନ୍‌ସିଲ୍ ଖପଲାଙ୍ଗ ଏବଂ ଏହାର ସମସ୍ତ ଆନୁସଙ୍ଗୀକ ସଂସ୍ଥା, ଶାଖା ତଥା ସଂଗଠନ ଗୁଡ଼ିକୁ ବେଆଇନ୍ ଘୋଷଣା କରାଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଆଜି ଏ ସଂକ୍ରାନ୍ତ ବିଜ୍ଞପ୍ତି ଜାରି କରାଯାଇଛି । ଆସନ୍ତା ୨୮ ତାରିଖରୁ ୫ ବର୍ଷ ପାଇଁ ଏହି ସଂଗଠନ ଉପରେ ପ୍ରତିବନ୍ଧକ ଲାଗୁ ହୋଇଛି । ମନ୍ତ୍ରଣାଳୟ କହିଛି, ଦେଶର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ପ୍ରତି କ୍ଷତି ପହଞ୍ଚାଉଥିବା କାର୍ଯ୍ୟକଳାପ ସହ ଏହି ସଂଗଠନ ଜଡ଼ିତ ଥିବା କାରଣରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ପୂର୍ବରୁ ବେଆଇନ୍ ଘୋଷିତ ୟୁନାଇଟେଡ୍

ଲିବରେସନ୍ ଫ୍ରଣ୍ଟ ଅଫ୍ ଆସୋମ୍ – ଇଣ୍ଡିପେଣ୍ଡେଣ୍ଟ, ପିପୁଲ୍ସ ରେଭଲ୍ୟୁସନାରୀ ପାର୍ଟି ଅଫ୍ ଟାଙ୍ଗଲେପାକ୍ – ପ୍ରେପାକ୍ ଏବଂ ପିପୁଲ୍ସ ଲିବରେସନ୍ ଆର୍ମି – ପି.ଏଲ୍.ଏ. ଭଳି ସଂଗଠନ ସହ ହାଫ୍‌ଲଙ୍ଗ୍ ସଂଶ୍ଳିଷ୍ଟ ଥିବା ଜଣାପଡ଼ିଛି ବୋଲି ମନ୍ତ୍ରଣାଳୟ କହିଛି ।

## ପାକ୍ ଏୟାର୍ ଷ୍ଟ୍ରାଇକ୍

ପାକିସ୍ତାନ ବାୟୁସେନା ପକ୍ଷରୁ ଖାଇବର ପଖତୁଆଁ ପ୍ରଦେଶରେ ବିମାନ ଆକ୍ରମଣରେ ମହିଳା ଏବଂ ଶିଶୁଙ୍କ ସମେତ ୩୦ ଜଣଙ୍କର ମୃତ୍ୟୁ ହୋଇଛି । ପାକିସ୍ତାନୀ ଲଢୁଆ ଜେ.ଏଫ୍.-୧୭ ବିମାନ ଦ୍ୱାରା ରାତି ପ୍ରାୟ ୨ଟା ସମୟରେ ତିର୍ହା ଭ୍ୟାଲି ଅନ୍ତର୍ଗତ ମତ୍ରେଦାରା ଗ୍ରାମାଞ୍ଚଳରେ ୮ଟି ଏଲ୍.ଏସ୍. ସିକ୍ସ ବୋମା ନିକ୍ଷେପ କରାଯାଇଥିଲା । ରିପୋର୍ଟ୍ ଅନୁଯାୟୀ ସେହି ଅଞ୍ଚଳରେ ବିକ୍ଷିପ୍ତ ଭାବେ ମୃତ ଦେହ ପଡ଼ିଥିବା ଦେଖିବାକୁ ମିଳିଛି । ଆନ୍ତର୍ଜାତିକ ମାନବାଧିକାର ସଂଗଠନ ଗୁଡ଼ିକ ପକ୍ଷରୁ ଘଟଣାର ତଦନ୍ତ ନେଇ ଦାବି କରାଯାଇଛି । ପାକିସ୍ତାନୀ ସେନା ଏବଂ ସରକାରଙ୍କ ପକ୍ଷରୁ ଏ ନେଇ କୌଣସି ପ୍ରତିକ୍ରିୟା ପ୍ରଦାନ କରାଯାଇନାହିଁ ।

# ସେବା ପର୍ବ – ଅର୍ବାନ୍

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ର ଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଦେଶରେ ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବାପର୍ବରେ ସ୍ମାର୍ଟ୍ ସିଟି ମିଶନ୍ ସମ୍ପର୍କରେ ଆସନ୍ତୁ ଜାଣିବା ।

ସ୍ମାର୍ଟ୍ ସିଟି ମିଶନ୍ ଦେଶର ସହରାଞ୍ଚଳ ଦୃଶ୍ୟପଟ୍ଟରେ ବ୍ୟାପକ ପରିବର୍ତ୍ତନ ଆଣିଛି । ଆକାଂକ୍ଷା ବାସ୍ତବତାରେ ପରିଣତ ହେଉଛି । ଦେଶର ସହରାଞ୍ଚଳ ଗୁଡ଼ିକରେ ଜୀବନଧାରଣମାନରେ ଉନ୍ନତି ଆଣିବା ଲକ୍ଷ୍ୟ ନେଇ ଗତ ୨୦୧୫ ଜୁନ୍ ମାସରେ ପ୍ରଧାନମନ୍ତ୍ରୀ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ । ପୁନେଠାରେ ସ୍ମାର୍ଟ୍‌ସିଟି ପ୍ରକଳ୍ପର ଶୁଭାରମ୍ଭ କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ଏଭଳି ଚିନ୍ତାଧାରା ଏକ ଜନଆନ୍ଦୋଳନରେ ପରିଣତ ହୋଇପାରିବ ।

**V/O-PM Modi Smart City**

ଗତ ଦଶନ୍ଧି ମଧ୍ୟରେ ଏହି ମିଶନ୍ ମାଧ୍ୟମରେ ଅନେକ ଉଲ୍ଲେଖନୀୟ ପ୍ରଗତୀ ହାସଲ ହୋଇଛି । ୮ ହଜାରରୁ ଅଧିକ ପ୍ରକଳ୍ପ ମଧ୍ୟରୁ ପ୍ରାୟ ୯୪ ପ୍ରତିଶତ ଇତି ମଧ୍ୟରେ ସମ୍ପୂର୍ଣ୍ଣ ହୋଇସାରିଛି । ୧୩ ହଜାର କୋଟିରୁ

ଅଧିକ ମୂଲ୍ୟର ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ ହୋଇଛି । ଏହି ମିଶନ୍ ଅଧୀନରେ ମୋଟ୍ ନିବେଶ ପରିମାଣ ପ୍ରାୟ ୧ ଲକ୍ଷ ୬୪ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି । ସହରାଞ୍ଚଳ ଗୁଡ଼ିକର ବିଭିନ୍ନ କ୍ଷେତ୍ରରେ ପୁନଃ ନିର୍ମାଣ, ପୁନଃ ବିକାଶ ତଥା ଡିଜିଟାଲ୍ ଭିତ୍ତିଭୂମି ଆଧାରିତ ବ୍ୟବସ୍ଥାର ଭିତ୍ତିଭୂମି ବିକାଶ ଏହି ମିଶନ୍ ଅଧୀନରେ ସମ୍ଭବ ହୋଇପାରିଛି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ନୀନା ସାହୁ ।

**Seba Parba Closing**

# ଜିଏସ୍‌ଟି-ହରଦୀପ ସିଂହ ପୁରୀ

ପେଟ୍ରୋଲିୟମ୍ ଓ ପ୍ରାକୃତିକା ବାଷ୍ପ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି, ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ଲୋକଙ୍କ ମଧ୍ୟରେ ଉତ୍ସାହ ଭରି ଦେଇଛି । ଗଣମାଧ୍ୟମ ସହ ଆଲୋଚନା ବେଳେ ମନ୍ତ୍ରୀ ଶ୍ରୀ ପୁରୀ କହିଛନ୍ତି, ଏହି ସଂସ୍କାର ଦେଶର ଜି.ଡି.ପି. ଅଭିବୃଦ୍ଧିକୁ ଦଶମିକ୍ ୮ ପ୍ରତିଶତରେ ପହଞ୍ଚାଇପାରିବ । ଜି.ଏସ୍.ଟି. ହାର ହ୍ରାସ, ଉପଭୋକ୍ତା, ନିମ୍ନ ମଧ୍ୟବିତ୍ତ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକଙ୍କୁ ସହଯୋଗ ପ୍ରଦାନ କରିବ ବୋଲି ଶ୍ରୀ ପୁରୀ କହିଛନ୍ତି ।

**V/O-Hardip Puri**

## ନଡ୍ଡା-ଜିଏସ୍‌ଟି ଟ୍ରେଡର୍ସ୍

ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ଦେଶର ନାଗରୀକଙ୍କୁ ସୁଫଳ ପ୍ରଦାନ କରିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା କହିଛନ୍ତି । ନୂଆଦିଲ୍ଲୀ ଠାରେ ବ୍ୟବସାୟ ଗୋଷ୍ଠୀଙ୍କ ସହ ମତ ବିନିମୟ ବେଳେ ମନ୍ତ୍ରୀ ଶ୍ରୀ ନଡ୍ଡା ସ୍ୱଦେଶୀ ଉତ୍ପାଦକୁ ବୃଦ୍ଧି କରିବା ସହ ଏହାର ବଜାର କ୍ଷେତ୍ରକୁ ବ୍ୟାପକ କରିବାକୁ ପରାମର୍ଶ ଦେଇଛନ୍ତି । ଆତ୍ମନିର୍ଭରଶୀଳ ଭାରତ ଅଭିଯାନ ଏହାଦ୍ୱାରା ଅଧିକ ତ୍ୱରାନ୍ୱିତ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ସ୍ୱଦେଶୀ ଉତ୍ପାଦର ବ୍ୟବହାର ଜୀବନଧାରଣର ମାନକୁ ସହଜ କରିବା ସହ କ୍ଷୁଦ୍ର ଉଦ୍ୟୋଗୀ ଗୋଷ୍ଠୀଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ସେ କହିଛନ୍ତି । ପାର୍ବଣ ଋତୁରେ ବିକ୍ରୟ ଏବଂ ସଂଚୟକୁ ବୃଦ୍ଧି କରିବାରେ ସଂଶୋଧିତ ଜି.ଏସ୍.ଟି.ହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରୀ ଶ୍ରୀ ନଡ୍ଡା ଆଶାବ୍ୟକ୍ତ କରିଛନ୍ତି ।

## ଏନ୍‌ଏଫ୍‌ଡିସି-ଓ୍ୱେବ୍ ବଜାର

ଦକ୍ଷିଣ କୋରିଆ ବୁସାନ୍ ଠାରେ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବର ୩୦ତମ ସଂସ୍କରଣ ଅନୁଷ୍ଠିତ ହେଉଛି । ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ୍ ଏଥିରେ ଯୋଗଦେବା ପାଇଁ ବୁସାନ୍ ଠାରେ ପହଞ୍ଚିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ମୁରୁଗାନ୍ କହିଛନ୍ତି, ଭାରତର ସୃଜନଶୀଳ ଅର୍ଥନୀତି, ଉତ୍ପାଦନ କ୍ଷେତ୍ର ଆଧାରିତ କେତେକ

ଆଲୋଚନାଚକ୍ରରେ ମତବିନିମୟ ହୋଇଛି । ଭାରତରେ ସୃଜନଶୀଳ ସମ୍ଭାବନା ଏବଂ ଦୃଢ଼ ଗଣମାଧ୍ୟମ ଓ ମନୋରଂଜନ ଇକୋସିଷ୍ଟମ୍ ଗଠନରେ ଦକ୍ଷିଣ କୋରିଆ ସହଯୋଗ ପ୍ରଦାନ ନେଇ ବିଚାର କରୁଥିବାରୁ ଡକ୍ଟର ମୁରୁଗାନ ଖୁସିବ୍ୟକ୍ତ କରିଛନ୍ତି । ଭାରତୀୟ ଜାତୀୟ ଚଳଚ୍ଚିତ୍ର ବିକାଶ ନିଗମ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସୂଚନା ଦେଇ କହିଛି, ଏସୀୟ ଅଞ୍ଚଳ ବିଷୟବସ୍ତୁ ଏବଂ ଚଳଚ୍ଚିତ୍ରଗୁଡ଼ିକ ପାଇଁ ଓ୍ୱେବ୍ସ ବଜାର ଭାରତ ପ୍ୟାଭିଲିୟନ୍ ପ୍ରତିଷ୍ଠା କରାଯାଇଛି । ଦେଶରେ ପ୍ରସଙ୍ଗ ଭିତ୍ତିକ ଚଳଚ୍ଚିତ୍ର ନିର୍ମାତା ଏବଂ ଆନ୍ତର୍ଜାତିକ ଚଳଚ୍ଚିତ୍ର ପ୍ରତିଷ୍ଠାନ ମଧ୍ୟରେ ସମନ୍ୱୟ ବିକାଶ ପାଇଁ ଏହା ଏକ ମଞ୍ଚ ପ୍ରଦାନ କରୁଛି ।